## APPENDIX A TO SCHEDULE III

ପିପିଲି ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ

### ପ୍ରେସ ବିଜ୍ଞପ୍ତି

ପିପିଲି ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁଆରୀ ୨୦୨୨ରେ ପ୍ରକାଶିତ ବିଧାନ ସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ପିପିଲି ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ପିପିଲି ଅ.କ୍ଷେ.ପ. କାର୍ଯ୍ୟାଳୟରେ ତାରିଖ ୦୧.୨.୨୦୨୨ରୁ ତାରିଖ ୦୪.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନ ସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରୀ ପ୍ରସ୍ତୁତ ହୋଇଥିବା ଅଧିସୂଚିତ କ୍ଷେତ୍ର ପରିଷଦ/ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ IIIରେ ଦରଖାସ୍ତ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୦୧.୨.୨୦୨୨ ରୁ ତାରିଖ ୦୭.୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ ୱାର୍ଡରେ ଅର୍ନ୍ତଭୁକ୍ତ ହୋଇଥିବ ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ IV ରେ ଦରଖାସ୍ତ ତାରିଖ ୦୧.୦୨.୨୦୨୨ରୁ ତାରିଖ ୦୭.୦୨.୨୦୨୨ ମଧ୍ୟରେ ଦାଖଲ କରି ପରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସଂପର୍କରେ ଆପତ୍ତି ଫାରମ ନଂ IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ III ଓ ଫାରମ ନଂ IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ୍ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ନିର୍ବାଚନ ଅଧିକାରୀ

EXECUTION OFFICER
PIPILI N.A.C.